ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in
News ID-IPR/H&FW (OD)/1102/Dt.22.01.2021

# ଦକ୍ଷତା ବିକାଶ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା
# ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨/୦୧/୨୦୨୧

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ସଂଜୟ କୁମାର ସିଂ ଆଜି ବିଭିନ୍ନ ସରକାରୀ ଆଇଟିଆଇ, ପଲିଟେକ୍‌ନିକ୍, ଇଂଜିନିୟରିଂ କଲେଜ ଓ ଦକ୍ଷତା ବିକାଶ କେନ୍ଦ୍ରଗୁଡ଼ିକରେ ଚାଲୁ ରହିଥିବା ଦକ୍ଷତା ବିକାଶ ପ୍ରକଳ୍ପ ସବୁର କାର୍ଯ୍ୟ ସମୀକ୍ଷା କରିଥିଲେ ।

ଏଠାରେ ସୂଚନାଯୋଗ୍ୟ ଯେ ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶା ଖଣିଜ ଅଞ୍ଚଳ ବିକାଶ ପରିଷଦ ବୋର୍ଡ ଓ ଓଭରସାଇଟ୍ ଅଥରିଟି ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ମାନ୍ୟବର ନ୍ୟାୟାଧିଶ ଅନଙ୍ଗ କୁମାର ପଟ୍ଟନାୟକଙ୍କ ଦ୍ୱାରା ପୂର୍ବରୁ ଅନୁମୋଦନ ଲାଭ କରିଛି ।

ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ପରିଚାଳିତ ଏହି ସବୁ କାର୍ଯ୍ୟର ଟେଣ୍ଡର କାର୍ଯ୍ୟ ଚଳିତ ବର୍ଷ ଫେବୃଆରୀ ମାସ ଶେଷ ସୁଦ୍ଧା ସାରିବାକୁ ଶାସନ ସଚିବ ଇଡ୍‌କୋ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ଶାସନ ସଚିବ କର୍ମନିୟୋଜନ ନିର୍ଦ୍ଦେଶାଳୟ ଓ ବୈଷୟିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକଙ୍କୁ ବର୍ତ୍ତମାନ ଅନୁମୋଦିତ ଆଇଟିଆଇ ବଡ଼ବିଲ୍, ଆଇଟିଆଇ ଆନନ୍ଦପୁର ଆଇଟିଆଇ, ବ୍ରହ୍ମପୁର, କେଉଁଝରର ଓଡ଼ିଶା ମାଇନିଂ ସ୍କୁଲ ଓ ସରକାରୀ ଇଂଜିନିୟରିଂ କଲେଜ୍‌ର ପ୍ରକଳ୍ପଗୁଡ଼ିକୁ ଚଳିତ ବର୍ଷ ମଇ ମାସ ସୁଦ୍ଧା ଆରମ୍ଭ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ସେସବୁ କାର୍ଯ୍ୟ ସଂପାଦନ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହା ସହିତ ବିଭିନ୍ନ ଜିଲ୍ଲା ଖଣିଜ ପାଣ୍ଠି ଅନୁଦାନରେ ସରକାରୀ ଆଇଟିଆଇ ଓ ପଲିଟେକ୍‌ନିକ୍‌ରେ ପରିଚାଳିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଅନୁଧ୍ୟାନ କରିବା ସହ ଚୂଡ଼ାନ୍ତ ସମୟସୀମା ମଧ୍ୟରେ ଏହି କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଏହି ସମୀକ୍ଷା ବୈଠକରେ କର୍ମନିୟୋଜନ ନିର୍ଦ୍ଦେଶିକା ରଶ୍ମିତା ପଣ୍ଡା, ବୈଷୟିକ ଶିକ୍ଷା ଓ ତାଲିମ ନିର୍ଦ୍ଦେଶକ ରେଘୁ ଜି., ଇଡ୍‌କୋର ସିଜିଏମ୍(ସିଭିଲ୍) ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଓ ଇଡ୍‌କୋର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ ।

ବିଭୂତି ନାୟକ
ସୂଚନା ଅଧିକାରୀ